# ବୁଢ଼ାଶଙ୍ଖାରି

ପ୍ରାୟ ଫଗୁଣ ମାସ ଶେଷ ସରିକି, ଉଦୁଉଦିଆ ଖରାବେଳେ ବୁଢ଼ାଟିଏ ଗୋଟିଏ ଗାଁ ମଝିରେ ଯାଉଥିଲା । ଷାଠିଏ ବରଷର ବୁଢ଼ା, ଦାନ୍ତଗୁଡ଼ାକ ସବୁ ପଡ଼ିଗଲାଣି, ମୁଣ୍ଡବାଳ ତେଣିକି ଥାଉ ଛାତିବାଳଗୁଡ଼ାକ ପାଚି ଧୋବ ଫରଫର ଦିଶୁଛି । ବୁଢ଼ା ମୁଣ୍ଡରେ ଗୋଟିଏ ଟୋକେଇ, ଧୂଳିରେ ଆଣ୍ଠୁଯାକେ ବୁଡ଼ିଛି; ଅଷ୍ଟାଙ୍ଗ ଶରୀର ଝାଳରେ ବୁଡ଼ି ଗୋଡ଼ବାଟେ ବହିଯାଉଛି ।

ଗାଁମୁଣ୍ଡରେ ଗୋଟିଏ ଘର । ପକ୍କା ପିଣ୍ଡା, ସାତଶେଣିଆ ଛପର, ଯାଉଁଳି କବାଟ । ବୁଢ଼ା ସେହି ପିଣ୍ଡାରେ ବୋଝଟି ଥୋଇଦେଇ ନଥିକରି ବସିପଡ଼ିଲା । କିଛିକ୍ଷଣ ପରେ ସେ ଘରୁ ଗୋଟିଏ ଦାସୀ ବାହାରି ଆସିଲା । ଦାସୀ ବୁଢ଼ାକୁ ଚିହ୍ନେ । ପଚାରିଲା, "କିହୋ ଶଙ୍ଖାରି ପୁଅ, ଶଙ୍ଖା ଆଣିଛ କି ?" ବୁଢ଼ା ଉତ୍ତର କଲା, 'ହଁ' । ପୁଣି କହିଲା, 'ଝିଅ, ଟୋପାଏ ପାଣି ଦିଅନ୍ତୁ । ବୁଢ଼ା ମଣିଷ, ଖରାରେ ତଣ୍ଟି ଶୁଖିଗଲାଣି ।' ଦାସୀ ପାଣି ଆଣିବାକୁ ଚାଲିଗଲା ।

କିଛିକ୍ଷଣ ପରେ ଲୋଟାଏ ପାଣି ଘେନି ଦାସୀ ଫେରିଆସି ବୁଢ଼ା ପାଖରେ ଥୋଇଦେଲା । ବୁଢ଼ା ଉପରକୁ ଆଁ କରିଦେଇ ଢକ ଢକ କରି ଅଧଲୋଟାଏ ପାଣି ଟେକିଦେଲା । ପାଣି ପିଇସାରି ବୁଢ଼ା ଚଉରସ ନିଃଶ୍ୱାସଟାଏ ମୁହଁବାଟେ ପକାଇ କହିଲା, "ଝିଅ, ତୋରବଡ଼ ଧରମ ହେଲା ।" ଦାସୀ କହିଲା, "ହଉହେଲା ତ ହେଲା ପଛକେ, ଚାଲ ବୋହୂସାଆନ୍ତାଣୀ ଡାକୁଛନ୍ତି, କେମିତିକା ଶଙ୍ଖା ଅଛି ଦେଖିବେ ।" ବୁଢ଼ା ଟୋକେଇଟା ନେଇଉଠିଲା । ସଦର ଦରଜା ପାରିହେଲେ ଭିତରେ ପକ୍କା ବାହାର, ସାମନାରେ ଚଉପାଢ଼ି, ବାଆଁ ପାଖକୁ ଭିତରେ ଆଡ଼ ଦୁଆର । ସେ ଦୁଆର ପାଖରେ ଓଢ଼ଣା ଦେଇ ବୋହୂଟିଏ ଛିଡ଼ା ହୋଇଥିଲା । ବୁଢ଼ା ଯାଇ ଟୋକେଇଟି ଥୋଇ ଛିଡ଼ା ହେଲା । ବୋହୂଟି ଧୀରେ ଧୀରେ ଦାସୀକି କହିଲା, "କି ଶଙ୍ଖା ଅଛି ପଚାର ମ ।" ଦାସୀଟି ଟିକିଏ ମୁଖରା । ସେ କହିଲା, "ଛି' କର, ବୁଢ଼ା ମିଣିପିଟାକୁ ଏତେ ଲାଜ ! ନିଜେ ଟୋକେଇରୁ ଆସି ଦେଖୁ ନାହଁ ? କଥାଟା ମନକୁ ଆସିଲା ।" ବୋହୂଟି ଓଢ଼ଣା ଅଧେ ଟେକିଦେଇ ମୁରୁକି ମୁରୁକି ହସିହସିକା ବାହାରି ଆସି ଟୋକେଇ ପାଖରେ ଛିଡ଼ା ହେଲା । ବୋହୂଟିର ମୁହଁ ଦିଶିଗଲା । ମୁହଁଟି ଚକି କାଟିଦେଲା ପରି; ଚମ୍ପାଫୁଲ ପରି ଗୋରା । ଚାରି ଆଙ୍ଗୁଳି ଓସାର ନାଲି ତହଁରି ମୟୂରକଣ୍ଠିଆ କଷ୍ଟା ଖଣ୍ଡିକ ଗୋଇଠିଯାଏ ଲମ୍ବିଛି । ତା' ଭିତର ଦେଇ ବୋହୂଟିର କଞ୍ଚା ସୁନାପରି ଗୋରା, ଗୋଟିଏ ଚାଉଳରେ ଗଢ଼ା ଦେହଟି ଫୁଟି ଦିଶୁଛି । ବୁଢ଼ାର ଆଖି ପୂରିଉଠିଲା । ଏଡ଼େ ସୁନ୍ଦର, ଏଡ଼େ ନିକ ବୋହୂଟିଏ ସେ କେବେ ଦେଖି ନାହିଁ । ବୁଢ଼ା ଆଉ ଆଖି ଫେରାଇ ପାରିଲା ନାହିଁ । ଏକା ଧ୍ୟାନରେ ବୋହୂଟିକୁ ଚାହିଁରହିଲା । ବୁଢ଼ାର ଇଚ୍ଛା କ' ଣ କହିବ ବୋଲି; କିନ୍ତୁ ପାଟିରୁ କଥା ଫୁଟିଲା ନାହିଁ । କେତେବେଳେ ବୁଢ଼ାମୁହଁ ଫିଟାଇ କହିଲା, "ମା, କି ଶଙ୍ଖା ନବୁ ନେ ।" ମା' ବୋଲି ଡାକିଦେଲା କ୍ଷଣି ବୁଢ଼ାର ଛାତି କୁଣ୍ଢେ ହୋଇଗଲା । ବୋହୂଟି ଲାଜ ଛାଡ଼ିଦେଇ କହିଲା, "ଆସ୍ମାନ୍ତାରା ଶଙ୍ଖା ଅଛି ?" ଓଃ, ଏଡ଼େ ମିଠାକଥା ! ଏପରି କଥା କେହି କହେ ନାହିଁ । ବୁଢ଼ାର କାନରେ ସେ ସ୍ୱରଟା ଥରକୁ ଥର ବାଜିବାକୁ ଲାଗିଲା । ବୁଢ଼ା କହିଲା, "ନା ମା', ରଙ୍ଗଝିଲିରି, ବଉଳଫୁଲିଆ, ବିଛାମାଳିଆ, ଚୂନଟିପି ଏହିସବୁ ଅଛି । ଏହିଥିରୁ ଯାହା ନବୁ ନେ ମା, ମୁଁ ଆସ୍ମାନ୍ତାରା ତିଆରି ହେଲେ ଆଣିଦେବି ।"

ବୋହୂଟି ଦେଖି ଦେଖି ମୁଠାଏ ଶଙ୍ଖା ପସନ୍ଦ କଲା । ତେବେ ସେ ମୁଠାକ ହାତକୁ ହେବ କି ନାହିଁ କିଏ କହିବ ? ଏହି ସମୟରେ ବୁଢ଼ା କହିଲା, "ଦେ ମା' , ହାତ ଦେ, ମୁଁ ଶଙ୍ଖା କଛି ଦିଏ ।" ବୋହୂଟି ହଠାତ୍ ହାତବଢ଼ାଇ ଦେଉଛି ବା କିପରି ? ଟିକିଏ ଇତସ୍ତତଃ କଲା । ବୁଢ଼ା କହିଲା, "ମା, ମୋତେ ଲାଜ କରୁଛୁ ? ମୁଁ ପରା ତୋ ପୁଅ । ପୁଅକୁ ମା' ଲାଜକରେ ନା !" ଦାସୀ ଏହି ସମୟରେ ଠୋ ଠୋ କରି ହସିଦେଇ କହିଲା, "ବୋହୂ ସାଆନ୍ତାଣୀଏ ! ଆଚ୍ଛା ବୁଢ଼ା ପୁଅଟିଏ ପାଇଲ ଏକା; କପାଳ ତ ।" ବୋହୂଟି ପୁଣି ହସିଦେଇ କହିଲା "ଦୂର୍ ।"

ବୋହୂଟି ହାତ ବଢ଼ାଇ ଦେଲା । କେଡ଼େ ଟିକିଏ ନିକ ହାତଟି ! କେଡ଼େ ସୁନ୍ଦର ଗୋଲ ଆଙ୍ଗୁଳିଗୁଡ଼ିକ ଚମ୍ପାକଢ଼ି ପରି । ପାପୁଲିଟି ଟୁଲ ଟୁଲ ହେଉଛି । ଶଙ୍ଖାଗୁଡ଼ିକ କି ସୁନ୍ଦର ଦିଶୁଛି । ଏ କ' ଣ ମଣିଷହାତ ? ନା, କେହି କାରିଗର ଠାକୁର ଗଢ଼ିଛି ? ସେ ହାତକୁ ବୁଢ଼ା ତାର ମଳିଆ, ରୁକ୍ଷ ହାତରେ ଧରିବାକୁ ସାହସ କଲା ନାହିଁ । ତା'ପରେ ବାଁ ହାତରେ ଥିର କରି ହାତଟି ଧରି ପରେ ଶଙ୍ଖା କଛିବାକୁ କାଢ଼ିଲା । ଏ ହାତ, ଶଙ୍ଖାରେ କାଳେ କଟିଯିବ, ରକତ ବାହାରି ପଡ଼ିବ ଯେ । ପୁଣି ଟିକିଏ ରହିଲା । ପୁଣି ଶଙ୍ଖା ପଟିଏ ଆଣି, ଧୀରେ ଧୀରେ ଅତି ସନ୍ତର୍ପଣରେ, ଅତି ସାବଧାନତାର ସହିତ ସେ ପଟିକ କଛିଦେଲା । ସେ ହାତଟି ଧରିଥିବା ବେଳେ ବୁଢ଼ାର ଆନନ୍ଦରେ ସୀମା ରହୁ ନ ଥାଏ, ଯେପରି ତା' ର ଜୀବନର ସମସ୍ତ ସୁଖ, ସମସ୍ତ ଆଶା ସେହିଠାରେ ତୃପ୍ତି । ସେ ହାତକୁ ପୁଣି ଛାଡ଼ିଦେବାକୁ ହେଲା । ବୁଢ଼ା ଭାବିଲା, ମୁଁ ପ୍ରତିଦିନ ଏହିପରି ଏ ହାତରେ ଶଙ୍ଖା ପିନ୍ଧାନ୍ତିକି!

ଏହି ସମୟରେ ସେ ଘରର ସାଆନ୍ତାଣୀ ସେଠାରେ ଆସି ପହଞ୍ଚିଲେ । ଶାଶୂଙ୍କୁ ଦେଖି ବୋହୂଟି ଓଢ଼ଣା ଟାଣିଦେଇ ପଳାଇଲା । ଶାଶୂ ଦାସୀକୁ ପଚାରିଲେ "କିଲୋ, ଶଙ୍ଖା କିଣୁଥିଲ କି ?" ଦାସୀ କହିଲା, "ହଁ ବୋହୂ ସାଆନ୍ତାଣୀ ଏହି ମୁଠାକ ନେବେ ବୋଲି କହୁଛନ୍ତି ।"

ଶାଶୂ କହିଲେ, "ଦାମ କେତେ ?"

ବୁଢ଼ା- ଶଙ୍ଖାମୁଠାକ, କି ଦାମ ?

ଶାଶୂ- ଫେର, କେତେ ଦେବି ?

ବୁଢ଼ା-ମା' ଠଉଁ ମୁଁ କ' ଣ ଦାମନେବି ?

ଶାଶୂ ଦାସୀକୁ ପଚାରିଲେ, "କିଲୋ ! ମା' କ' ଣ ଲୋ ?"

ଦାସୀ ହସିହସି କହିଲା, "ସେଇ ପିଲାଟି ବୋହୂସାଆନ୍ତାଣୀଙ୍କ ପୁଅ ହୋଇଛି ।"

ଶାଶୂ ବି ହସିଲେ । କହିଲେ, "ଆଚ୍ଛା, ଏଥର ଦାମ୍ ନେଇଥାଅ, ଆରଥରକୁ ପଛେଖାଲି ଦେଇଯିବ । ତମେ ଗରିବ ଲୋକ ... ।" ବୁଢ଼ା- "ନା, ନା, ମୋ ମା' କୁ ତ ଦେଇଛି; ମୁଁ ଆଉ ଦାମନେବି ନାହିଁ । ଶଙ୍ଖା ମୁଠାକ ଲାଗି ମୁଁ ଗରିବ ହୋଇଯିବି ନାହିଁ ।"

ଏହା କହି ଶଙ୍ଖାରି ଶଙ୍ଖାମୁଠାକୁ ରଖିଦେଇ ବୋଝଟି ଧରି ଏକାବେଳକେ ଚାଲିଗଲା । ଆଉ ଡାକିଲେ ଶୁଣିଲା ନାହିଁ । ଦାସୀ ପଛରେ ଗୋଡ଼େଇ ଗୋଡ଼େଇ ଗଲା; କିନ୍ତୁ ସେ ଫେରି ଚାହିଁଲା ନାହିଁ ।

ସେ ଦିନଠୁଁ ସେ ବୁଢ଼ା ଶଙ୍ଖାରି ଦୁଇଦିନେ ତିନିଦିନେ ସେ ଗାଁକୁ ଆସେ । ଶଙ୍ଖାଟା କ' ଣ ଗୋଟାଏ ନିତ୍ୟାନି ଦରବ ଯେ, ଲୋକେ ରୋଜ କିଣିବେ ? ଅକାଳେ ସକାଳେ, ପୂନେଇଁ ପରବରେ ସିନା କିଏ ନୂଆ ଶଙ୍ଖା ଖୋଜେ! ବୁଢ଼ାଟା ଖାଲି ଘର ଘର ବୁଲି ଫେରିଯାଏ, କିନ୍ତୁ ଶଙ୍ଖା ବିକ୍ରି ତ ବୁଢ଼ାର ଉଦ୍ଦେଶ୍ୟ ନୁହେଁ । ସିଏ ଆସେ ତା' ର ସେହି ନିଜ ମା' ଟିକୁ ଦେଖିବା ପାଇଁ । ଯେଉଁଦିନ ଆସେ, କାହାରିକୁ ନ କହି ଦୁଆରଯାକେ ଚାଲିଆସେ । ବୋଝ ରଖିବାକୁ ହୁଏ ନାହିଁ, ଖାଲି ପାଟିକରି ଡାକିଦିଏ, "ନୂଆଶଙ୍ଖା ନବ ?" ତା' ପାଟି ଶୁଣିଲାକ୍ଷଣି ବୋହୂଟି କୁଆଡ଼େ ଥାଏ, ଆସି ଦୁଆର ପାଖରେ ଟିକିଏ ଛିଡ଼ା ହୁଏ । ବୁଢ଼ାଟି ଟିକିଏ ଅନାଏ, ଚାହିଁ ଦେଲାକ୍ଷଣି ବୁଢ଼ାର ମନ ପୂରିଉଠେ । ପଚାରେ "ମା, ଆଉ ଶଙ୍ଖା ନବୁ ?" ବୁଢ଼ାର ଇଚ୍ଛା କାଳେ ନବାକୁ କହିବ, ତାହାହେଲେ ତା ମା' ର ଚମ୍ପାଫୁଲିଆ ସୁନ୍ଦର ହାତଟିରେ ସେ ଶଙ୍ଖା କଛିଦେବ; କିନ୍ତୁ ବୋହୂଟି ମୁଣ୍ଡହଲାଇ ଦିଏ । ବୁଢ଼ା ଫେରି ଚାଲିଯାଏ ।

ଦିନେ ଦିନେ ଯଦି ବୋହୂଟିର ଆସିବାକୁ ଡେରିହୁଏ, ସେ ଦାସୀଟି ହୁରି କରିଦିଏ, "ବୋହୂ ସାଆନ୍ତାଣିଏ, ତୁମ ପୁଅ ଅଇଲାଣି ।" ବୁଢ଼ା ଦୁଇ ଥର, ଚାରି ଥର 'ନୂଆଶଙ୍ଖା ନବ' ବୋଲି ଡାକିଲାରୁ ତା ମା' ଟି ଆସି ଛିଡ଼ାହୁଏ । ବୁଢ଼ା ଯେଉଁଦିନ ଆସେ, ପ୍ରାୟ ଏହି କଥା, ଏହି ଅଭିନୟ ନିତି ନିତି । ବୁଢ଼ା ଫେରିଲାବେଳକୁ ଭାବେ "ମା' ର ଆସ୍‌ମାନ୍‌ତାରା ଶଙ୍ଖା ଉପରକୁ ମନ । କେବେ ସେଥିରୁ ମୁଠାଏ ଆଣିଦେବି ।" ଶେଷରେ ଠିକ୍‌କଲା ଆସନ୍ତା ରଜସଂକ୍ରାନ୍ତି ବେଳକୁ ଯୁଆଡୁ ହେଲେ ମା' ଲାଗି ଆସ୍‌ମାନ୍‌ତାରା ମୁଠାଏ ଆଣିବି । ମା' ନୂଆ ଶଙ୍ଖା ନାଇବ, ମୋତେ ହାତ ଦେଖାଇବ, ମୁଁ ଶଙ୍ଖା କଛିଦେବି । ଏଇୟା ଭାବିବା କ୍ଷଣି ବୁଢ଼ାର ମନ ଭାରି ଉତ୍‌ଫୁଲ୍ଲ ହୋଇଯାଏ । ବୁଢ଼ା ରଜସଂକ୍ରାନ୍ତିକୁ ଚାହିଁ ରହିଥାଏ । ରଜସଂକ୍ରାନ୍ତିଟି ଏଥର ତା' ର ଭାରି ଆନନ୍ଦର ଦିନ, ତା ମା' ଲାଗି ସେ ଆସ୍‌ମାନ୍‌ତାରା ଶଙ୍ଖା ଆଣିବ, ମା' କେଡ଼େ ଖୁସି ହେବ!

ବୈଶାଖ ମାସ ହେଲା । ବୁଢ଼ାଲୋକ, ସେଥିକି ଖରାରେ ରୋଜ ରୋଜ ବାଟଚଲା, ପାଣିପିଆ, ଦେହରେ ସହିଲା ନାହିଁ, ବୁଢ଼ାକୁ ଜ୍ୱରହେଲା । ଦେଖୁଁ ଦେଖୁଁ ଭାରି ଜ୍ୱର । ଗୋଡ଼ହାତ ଫୁଲିଗଲା । ସମସ୍ତେ କହିଲେ, ବୁଢ଼ା ଆଉ ବଞ୍ଚିବ ନାହିଁ । ବୁଢ଼ାର କିନ୍ତୁ ସେ ଦିଗକୁ ଭାବନା ନାହିଁ । ସେ ସବୁବେଳେ ଭାବି ହେଉଥାଏ ଯେ କେଉଁଦିନୁଁ ସେ ମା' କୁ ଦେଖିବାକୁ ଯାଇ ନାହିଁ । ସେଥିପାଇଁ ମନଟା ଆଉଟିପାଉଟି ହେଉଥାଏ ।

ଦେଖୁଁ ଦେଖୁଁ ରଜସଂକ୍ରାନ୍ତି ଆସି ପାଖ ହୋଇଗଲା । ବୁଢ଼ା ଦୁଇମାସ ହେଲା ମା' କୁ ଦେଖିବାକୁ ଯାଇ ନାହିଁ । ଚାଲିପାରୁଥିଲେ ଯେମିତି ହେଲେ ଦେଖି ଆସୁଥାଆନ୍ତା; କିନ୍ତୁ ରଜକୁ ତା ଆସ୍‌ମାନ୍‌ତାରା ଶଙ୍ଖାମୁଠାଏ ନିଶ୍ଚୟ ଦେବାକୁ ହେବ । ବୁଢ଼ା ଅନେକ କଷ୍ଟରେ ଉଠିବସି ନିଜ ହାତରେ ଶଙ୍ଖା ତିଆରି କଲା । ଆଉ କେହି କରିଦେଲେ କାଳେ ମା' ମନକୁ ନ ଆସିବ ! ଷାଠିଏ ବର୍ଷକାଳ ଶଙ୍ଖା ଗଢ଼ି ଗଢ଼ି ସେ ଯେତେ ହାତସଫେଇ ହାସଲ କରିଥିଲା, ସବୁ ସେଥିରେ ଲଗାଇଲା । ଦିନକ କାମ ଚାରିଦିନ ଲାଗୁ ପଛକେ କାମଟି ସରସ ହେଉ । ରଜ ଦୁଇଦିନ ଥାଇ କାମ ନିକାଶ କଲା । ମନ ଘେନି ଫଳ । ଏପରି ଗଢ଼ଣର ଶଙ୍ଖା ତା' ଜୀବନରେ ତା' ହାତରେ କେବେ ଉତୁରି ନାହିଁ । ଶଙ୍ଖା ଦେଖି ବୁଢ଼ାର ମନ ଭାରି ଖୁସି । ତା' ମା' ହାତକୁ ଏ ଶଙ୍ଖାମୁଠାକ ଖୁବ୍ ମାନିବ ।

ରଜ ଆଗଦିନ ପହିଲିରଜ । ଆଜି ଝିଅ-ବୋହୂଏ ନୂଆ ଶଙ୍ଖା, ନୂଆ ଶାଢ଼ି ପିନ୍ଧନ୍ତି । ରାତିସାରା ବୁଢ଼ାର ନିଦ ନାହିଁ । ସକାଳୁ ଉଠି ବୁଢ଼ା ଭାବିଲା, “ମୁଁ ତ ଚାଲିପାରୁ ନାହିଁ, କ’ ଣ କରିବି । ଆଉ କିଏ ନେଇଗଲେ ତ ହେବ ନାହିଁ । ମା’ କୁ ଢେର୍‌ଦିନୁ ଦେଖି ନାହିଁ । ସତେ କ’ ଣ ଏଥିରୁ ବଞ୍ଚିବି ଯେ ଥରେ ଦେଖି ଆସେ । ଆଉ ମା’ ର ସେହି ହାତରେ ଶଙ୍ଖା କଛି ଦେବି ।” ମା’ ର ହାତଟି ମନେପଡ଼ିଗଲା କ୍ଷଣି ବୁଢ଼ାର ଗଦାଏ ବଳ ଆସିଲା । ବୁଢ଼ା ସଅଳ ସଅଳ ମୁଠାଏ ଖାଇଦେଇ ଶଙ୍ଖାମୁଠିକ ଗାମୁଛାରେ ବାନ୍ଧି ବାହାରିଲା । ଅତି କଷ୍ଟରେ ଭଡ଼ାଏ ଭଡ଼ାଏ ପାଦ ପକାଇ ଚାଲୁଥାଏ । ପାଞ୍ଚକୋଶ ବାଟ ପହଞ୍ଚିଲା ବେଳକୁ ବେଳ ଗଡ଼ିଲାଣି ।

ବୁଢ଼ା ଯାଇ ଯେଉଁଠାରେ ଛିଡ଼ା ହୋଇ ଡାକୁଥିଲା ସେହିଠାରେ ଛିଡ଼ା ହେଲା । ମନରେ କେତେ ଆନନ୍ଦ, କେତେ ଉତ୍ସାହ । ଡାକିଲା, “ଶଙ୍ଖା ନବ ?” କେହିଶୁଣିଲେ ନାହିଁ । ପୁଣି ଡାକିଲା, “ମା’ ଲୋ, ଶଙ୍ଖା ନବୁ ପରା !” ତେବେ ବି କେହି ଆସିଲେ ନାହିଁ । ବୁଢ଼ା ଅଧୀର ହୋଇପଡ଼ିଲା । ଦୁଇଥର ଡାକିସାରିଲାଣି, କେହି ଜବାବ ପଦେ ଦେଉ ନାହିଁ । ଥରେ ଡାକିଲେ ତ ମା’ ତା’ ର ଆସି ଦୁଆରବନ୍ଧ ପାଖରେ ଛିଡ଼ା ହୋଇଯାଉଥିଲା । ପୁଣି ଡାକିଲା, “ମା’ - ମୁଁ ଆସିଛି । ଶଙ୍ଖା ଆଣିଛି ତୋପାଇଁ ।” ଏଇଥର ସାଆନ୍ତାଣୀ ନିଜେ ବାହାରି ଆସିଲେ । ତାଙ୍କ ପଛେ ପଛେ ସେହି ଦାସୀ । ସାଆନ୍ତାଣୀଙ୍କୁ ଦେଖି ବୁଢ଼ା କହିଲା, “ମୋ ମା’ କାହିଁ ? ମୁଁ ତା ପାଇଁ ଆସ୍‌ମାନ୍‌ତାରା ଶଙ୍ଖା ଆଣିଛି, ରଜରେ ପିନ୍ଧିବ ।” ଦାସୀ ତ ଏତେବେଳକୁ ହୁରି କରି କମ୍ପାଇ ଦିଅନ୍ତାଣି, ସେ କିଛି କହିଲା ନାହିଁ । ସାଆନ୍ତାଣୀ ଧୀରେ ଧୀରେ କହିଲେ, “ନା, ଶଙ୍ଖା ଲୋଡ଼ା ନାହିଁ ।” ବୁଢ଼ା କହିଲା, “ନା, ନା, ମୁଁ ମୋ ମା’ ଲାଗି ବଡ଼ ଶରଧାରେ ଆଣିଛି ।”

ସାଆନ୍ତାଣୀ- “ନା, ଶଙ୍ଖା କେହି ନେବେ ନାହିଁ । ଯା-”

ବୁଢ଼ା- “ହଉ, ଶଙ୍ଖା ନ ନେଲେ ନାହିଁ, ମୋ ମା’ କୁ ଥରେ ଡାକିଦିଅ ମୁଁ ଦେଖିବି । କେଉଁ ଦିନରୁ ଦେଖି ନାହିଁ ।”

ସାଆନ୍ତାଣୀ- “ଦେଖା ହୋଇପାରିବ ନାହିଁ ।”

ବୁଢ଼ା ମୁଣ୍ଡରେ ବଜ୍ର ପଡ଼ିଲା, “ଦେଖା ହୋଇପାରିବ ନାହିଁ? ମୋ ମା’ କୁ ଥରେ ଦେଖିପାରିବି ନାହିଁ !” ବୁଢ଼ାର ଆଖି ଛଳଛଳ ହୋଇଉଠିଲା । ସେ କାନ୍ଦ କାନ୍ଦ ହୋଇକହିଲା, “ଥରଟିଏ ଦେଖିବି-ମୁଁ ଆଉ ବଞ୍ଚିବି ନାହିଁ ।”

ସାଆନ୍ତାଣୀ ଦାସୀକୁ କହିଲେ, “ଯା’ ବୋହୂକୁ ଡାକି ଦେ ।” ଦାସି ଚାଲିଗଲା । କିଛିକ୍ଷଣ ପରେ ବୋହୂ ଆସି ଦୁଆର ପାଖେ ଛିଡ଼ାହେଲା । ସେଇଠି ସେ ସବୁଦିନେ ଛିଡ଼ାହୁଏ । ଆସିଲାବେଳକୁ ଝୁମୁରୁ ଝୁମୁରୁ ହୋଇ ଚାଲିଆସେ । ଛିଡ଼ାହୋଇ ବୁଢ଼ାକୁ ଚାହିଁଦିଏ । ତା’ ର ହସ ହସ ମୁହଁଟି ଦେଖି ବୁଢ଼ାର ଆନନ୍ଦର ସୀମା ରହେ ନାହିଁ । ଆଜି ନିଃଶବ୍ଦରେ ଆସି ଛିଡ଼ାହେଲା । ସେ ଚାରି ଆଙ୍ଗୁଳି ଲେଖାଏଁ ନାଲି ତହିଁର ଶାଢ଼ି ନାହିଁ କି କୁମ୍ଭକିନାରା ଦକ୍ଷିଣା ପାଟ ନାହିଁ । ଗୋଡ଼ ଦୁଇଟା ଲଙ୍ଗଳା, ପିନ୍ଧିଛି ଖଣ୍ଡେ ଧଳାଥାନ ଲୁଗା । ବୁଢ଼ାର ଦେହ ଥରିଉଠିଲା, ମୁଣ୍ଡ ଘୁରିଗଲା, ବୁଢ଼ା ଆଖି ବୁଜି ପକାଇଲା । ପୁଣି ଚାହିଁଦେଲା ବେଳକୁ ତା’ ର ସେହି ହାତଟି ଦିଶିଗଲା- ହାତରେ କିଛି ନାହିଁ । ବୁଢ଼ା ଭୋ-ଭୋ କରି ରଡ଼ି କରିଉଠିଲା । ବୋହୂଟି ଫେରି ପଡ଼ି ଚାଲିଗଲା । ବୁଢ଼ା କହିଲା, “ମା’ ଲୋ ! ମୁଁ ନ ମରି କାହିଁକି ତୋତେ ଦେଖିବାକୁ ଆସିଲି । ଏଇୟା ଦେଖିବାଲାଗି ନା ଲୋ ମା !”

ବୁଢ଼ା ଆଉ କହିପାରିଲା ନାହିଁ । ଗାମୁଛାରେ ତା' ର ବଡ଼ ଯତ୍ନର, ବଡ଼ଶରଧାର ଶଙ୍ଖାମୁଠାକ ଫିଟାଇ ପକାଇ ବାହାରେ କଚାଡ଼ି ଦେଲା । ମୁଠାକଯାକ ଶଙ୍ଖା ଚୂନା ହୋଇଗଲା । ତହୁଁ ସେ ଏକମୁହାଁ ହୋଇ ଫେରି ଚାଲିଗଲା । ଦାସୀ ଓ ଶାଶୂ ରଡ଼ିକରି ଉଠିଲେ ।